ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁଲାଇ ୨୩**

# କଲ୍ୟାଣ ଗଙ୍ଗାର ସନ୍ଥ - ତନୁ ବାବା



ଅକ୍ଷୟ କୁମାର ରାଉତ

ସମୟର ବୈଚିତ୍ର୍ୟରେ ମୁହୁର୍ମୁହୁଃ ପରିବର୍ତ୍ତନ । ବିଶ୍ୱ ନିୟନ୍ତାଙ୍କର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ. ବୃକ୍ଷଲତା, କୀଟପତଙ୍ଗ, ଉଡା, ବୁଡା, ଚଳ, ନିଶ୍ଚଳ, ସମସ୍ତେ କାଳର କରାଳ ଗତିରେ ଧାବମାନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହମଣ୍ଡଳ, ନଦନଦୀ, ସାଗର ଓ ପାହାଡ ପର୍ବତ । ସାଧୁସନ୍ଥ ମହାନ ସିଦ୍ଧ ସାଧକ ତନୁ ବାବା କୁଜଙ୍ଗର ତାଳଦଣ୍ଡା କାଳିଆପାଟ ଗ୍ରାମର ପିତା - ନିଳମଣି ବେହେରା, ମାତା- ଭାରତୀ ବେହେରାଙ୍କ କୋଳ ମଣ୍ଡନ କରି କାର୍ତୀକ ଦୀପାବଳି ଅମାବାସ୍ୟା (୧୯୮୧) ସୋମବାର ଦିନ ଜନ୍ମ ନିଅନ୍ତି । ସେ ଥିଲେ ଘରର ବଡ ପୁଅ, ତାଙ୍କ ତଳେ ଦୁଇ ଭାଇ ଓ ଗୋଟିଏ ଭଉଣି । ସେ ଜନ୍ମର ଅଳ୍ପଦିନ ପରେ ମା'ଙ୍କୁ ହରାଇ ବହୁ କଷ୍ଟରେ ବଢିଥିଲେ । ତାଙ୍କର ସାଧନା ଆହାର, ବିହାର ବ୍ୟକ୍ତିଗତ ଉନ୍ନତି ପାଇଁ ନଥିଲା । ସେ ପିଲା ବେଳୁ ନାମସଂକୀର୍ତନ କରି ଇଶ୍ୱର ପ୍ରେମି ହୋଇଥିଲେ । ତାଙ୍କର ପରୋପକାର ଏକ ମାନବୀୟ ମହତ୍ୱ ଗୁଣ । ତାଙ୍କ ପାଖରେ ଧନୀ - ନିର୍ଦ୍ଧନୀ , ଉଚ୍ଚ - ନୀଚ ର ବୈଷମ୍ୟତା ନଥିଲା । ସେ ସାଧନା ବଳରେ ବୃକ୍ଷ ହୋଇ ଫଳ ଦେବା, ମେଘ ହୋଇ ଶସ୍ୟ ଦେବା ଜାଣିଥିଲେ । ଛୋଟ ବେଳରୁ ନାମ ବ୍ରହ୍ମକୁ ଜପ କରି ବାଲି ରଥରୁ ନଡିଆ ଗୋଟମା ରଥ । ପ୍ରାୟ ୧୫ ବର୍ଷ ବୟସରେ ତାଙ୍କର ହରିହର କ୍ଷେତ୍ରକୁ ଫେରି ନାମସଂକୀର୍ତନ ଓ ମା'ଙ୍କ ସାଧନାରେ ବ୍ୟସ୍ତ ରହିଲେ । ଦିନକୁ ଦିନ ତାଙ୍କର ଭାବ - ଭକ୍ତି ଓ ଇଶ୍ୱରଙ୍କ ପ୍ରେମ ତାଙ୍କ ଚମ୍ଚକାରୀତାର କାହାଣୀ ଚାରିଆଡେ ପ୍ରଚାର ହେଲା । ତାଙ୍କ କ୍ଷେତ୍ରରେ ବହୁ ଲୋକ ବିଭିନ୍ନ ଆଶା ଓ ଭରସା ନେଇ ଆସନ୍ତି । ଲୋକମାନଙ୍କର ଉପକାର କରିବା ଓ ବିଭିନ୍ନ ରୋଗ, ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ତାଙ୍କର କାର୍ଯ୍ୟ ଥିଲା । ସେ ବିଭିନ୍ନ ଶାସ୍ତ୍ର, ପୁରାଣ, ଗୀତା ଓ ଭାଗବତ ଉପରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ । ସେ ସମାଜର ଜଣେ ଯୋଗ ଜନ୍ମା ମହାପୁରୁଷ ଥିଲେ । ତନୁ ବାବା ଉଦୟ ବଟରେ କିଛି ବର୍ଷ ରହିଲା ବେଳେ ଧର୍ମ ଗୁରୁ ଭାବେ ଭଗବାନ ଦାସଙ୍କୁ ବରଣ କରିଥିଲେ । ପରେ ସେ ଉଦୟ ବଟର ମହାନ ସନ୍ଥ ସ୍ୱାଧୀନତା ସଂଗ୍ରାମୀ ରାଜୀବ ଲୋଚନ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ନାମ କୀର୍ତନରେ ମଗ୍ନ ହେଲେ । ବାବା ପ୍ରକୃତି ଦେବୀଙ୍କ ନାମରେ ଯଜ୍ଞ କୁଣ୍ଡରେ ତିନି ଆହୁତି ଦେବାରୁ ତାଙ୍କ ମଠ ବା ହରିହର କ୍ଷେତ୍ର ବାହାରେ ମେଘ ପବନ ହେଲା କିନ୍ତୁ ଯଜ୍ଞ ସ୍ଥାନରେ ବର୍ଷା ହେଲା ନାହିଁ । ଏହା ତାଙ୍କର ଔଲୋକିକତା ଥିଲା । ସେହି ପରି ଗୋଟିଏ ଦିନ ୨୦୦ ଶିସ୍ୟଙ୍କ ଗହଣରେ ବାବା ଉଦୟବଟ ବାହାରିଲେ । ତନୁ ବାବା କହିଲେ ତୁମ୍ଭେମାନେ ନିଜ ନିଜ ଗାଡିରେ ଉଦୟବଟ ଧାମକୁ ଯାଅ, ମୁଁ ତୁମ ମାନଙ୍କ ପୂର୍ବରୁ ପହଁଚିବି ! ସତକୁ ସତ ବାବା ସମସ୍ତଙ୍କ ଆଗରେ ପହଂଚି ଥିଲେ । ଏକ ବର୍ଷା ଦିନେ ସଂଧ୍ୟା ସମୟରେ ବାବାଙ୍କ ସହିତ ପ୍ରାୟ ୩୦ ଜଣ ଶିଷ୍ୟ ଥାଅନ୍ତି । ଏହି ଭଳି ଏକ ସିଦ୍ଧ ସାଧୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୁର୍ତୀ ତିଆରି କରି ବିଭିନ୍ନ ମନ୍ଦିରକୁ ଦେଉଥିଲେ । ତାଙ୍କର ହରିହର କ୍ଷେତ୍ରରେ ଶ୍ରୀବଳଦେବ, ସୁଭଦ୍ରା ମା' ଓ ସୁଦର୍ଶନ ଙ୍କୁ ତିଆରି କଲା ପରେ, ଜଗନ୍ନାଥଙ୍କୁ ନିର୍ମାଣ ନକରି, ତାଙ୍କ ଦାରୁଙ୍କୁ ରଖି ଦେଇ ଯାଇଛନ୍ତି । ସେ କହିଛନ୍ତି ସେ ପୁନର୍ବାର ଆସିବେ । ସେହି ଭଳି ଜଣେ ପରପୋକାରି ସାଧୁଙ୍କର ୪୨ ବର୍ଷ ବୟସରେ ଶ୍ରାବଣ ମାସ ଅମାବାସ୍ୟା ସୋମବାର (୨୦୨୩) ରେ ସାଧନାମୟ ଜୀବନର ଅବସାନ ଘଟିଲା । ଆଶ୍ଚର୍ଯ୍ୟକଥା ତାଙ୍କର ଜନ୍ମ ଓ ପରଲୋକ ଗମନ ଅମାବାସ୍ୟା ଓ ସୋମବାର ଥିଲା । ସେ ସ୍ୱର୍ଗରେ ଥାଇ ମଧ୍ୟ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥିବେ । ତାଙ୍କ ସୁନାମର ସୁମନ, ସୁବାସ ମହୋକିତ କରୁଥିବ ଏ ମାଟିକୁ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତସିଂହପୁର

## ସ୍ୱାଧୀନତା ମୋର ଜନ୍ମଗତ ଅଧିକାର - ବାଲଗଙ୍ଗାଧର ତିଲକ



ଉମାଶଙ୍କର ପ୍ରସାଦ

ବାଲ ଗଙ୍ଗାଧର ତିଲକ ଭାରତ ବର୍ଷର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଭଳି ବିଭିନ୍ନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ତାଙ୍କର ରାଜନୈତିକ ବିଚାରଦାରା ଇଂରେଜ ସରକାରଙ୍କୁ ବିଚଳିତ କରିଦେଇଥିଲା । ଇଂରେଜ ସରକାର ସ୍ଥିର କଲେ ଯେ ତିଳକଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ପଡିବ । ଟିକ୍ ଏହି ସମୟରେ ଜଣେ ନିଷ୍ଠୁର ବ୍ରିଟିଶ ଅଧିକାରୀକୁ ମାରବା ପାଇଁ କିଛି ଯୁବକ ବୋମା ଫିଙ୍ଗିଥିଲେ ମାତ୍ର ଦୁର୍ଭାଗ୍ୟକୁ ଦୁଇଜଣ ଇଂରେଜ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏଥିପାଇଁ ଖୁଦିରାମ ଫାସୀ ପାଇଥିଲେ । କିଁ ସରକାର ଅନୁଭବ କଲେ ତିଳକଙ୍କ ଚିଂାଧାରା ଏବଂ ତାଙ୍କ ଦ୍ୱାରା ପ୍ରକାଶିତ ପତ୍ରିକାରେ ବିଭିନ୍ନ ଲେଖା ବିଶେଷତଃ ଯୁବକ ମାନଙ୍କୁ ଉ◻ଜିତ କରୁଛି । ତେଣୁ ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ୧୯୦୮ ମସିହା ଜୁଲାଇ ୨୪ ତାରିଖ ଦିନ ଗିରଫ କରି 'ଡଙ୍ଗି' ଜେଲରେ ରଖାଗଲା । ତାଙ୍କୁ ଜାମିନ ପ୍ରଦାନ ପାଇଁ ଏମ.ଏ.ଜିନ୍ନା ବିଚାରପତି ଡାଭରଙ୍କ ପାଖରେ ଦରଖାସ୍ତ କରିଥିଲେ ମାତ୍ର ଭାଗ୍ୟର ବିଡମ୍ବନା ଏହି ଯେ ଡାଭର ଓକିଲ ଥିଲାବେଳେ ତିଳକଙ୍କ ଜାମିନ୍ ପାଇଁ ଆଗରୁ ଥରେ ଦରଖାସ୍ତ ଦେଇଥିଲେ । ତିଳକଙ୍କ ବିଚାର ପାଇଁ ଯେଉଁ ଜୁରୀ ଗଠନ କରା ଯାଇଥିଲା ସେଥିରେ ୭ ଜଣ ୟୁରୋପୀୟାନ୍ ଏବଂ ଦୁଇଜଣ ପାର୍ଶୀ ଥିଲେ । ତିଳକ ନିଜ ମକଦମା ନିଜେ ଲଢୁଥିଲେ । ତିଳକଙ୍କ 'କେଶରୀ' ପତ୍ରିକା ପ୍ରକାଶିତ ଦୁଇଟି ସମ୍ପାଦକୀୟ ଯାହାହେଲା 'ଞଷର ଙ୍କସଷ୍ପଲକ୍ଟଷ୍ପଙ୍କଭର କ୍ଟଲ ଷ୍ପଷର ମକ୍ଟଙ୍କଭଷ୍ପଦ୍ଧଚ୍ଚ'ଅନ୍ୟଟି ଥିଲା 'ଞଷରଷ୍ପର ଜରଞ୍ଚରୟସରଷ୍ପ ବକ୍ସର ଭକ୍ଟଷ୍ପ କ୍ଷବଷ୍ପଷ୍ପସଭଶ' ସେଥିପାଇଁ ତିଳକ ଦଣ୍ଡ ପାଇବା ଦରକାର ବୋଲି ସରକାରୀ ଓକିଲ ଯୁକ୍ତି ବାଢିଥିଲେ । ତୀଳକ ନିଜ ସପକ୍ଷରେ ବଳିଷ୍ଠ ପ୍ରମାଣ ଦେଇଥିଲେ । ସେ ସମ୍ମାନ ଓ ମର୍ଯ୍ୟାଦାର ସହ ଯୁକ୍ତି ବାଢିଥିଲେ ତାଙ୍କର ବକ୍ତବ୍ୟ ନିଜ ପାଇଁ ନୁହେଁ ଦେଶବାସୀଙ୍କ ପାଇଁ । ତେବେ ବିଚାର ନିରପକ୍ଷେ ନଥିଲା , ତିଳକଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । ତିଳକ କଣ ରାୟ ମିଳିବ ସେ ଆଗରୁ ଯାଣିଥିଲେ , ତେଣୁ ସେ ତାଙ୍କର ବନ୍ଧୁମାନଙ୍କୁ କହିଥିଲେ 'ଆସଁ ଆଜି ଏକାଠି ବସି ଚା ପିଇବା, ମୁଁ ଜାଣିଛି ମୋତେ ଜେଲ ଜିବାକୁ ପଡିବ । ତିଳକଙ୍କୁ ଯେତେବେଳେ ବିଚାରପତି ପଚାରିଥିଲେ ତାଙ୍କର କିଛି କହିବାର ଅଛି କି? ତିଳକ ଏହାର ଉତରରେ କହିଥିଲେ "All I wish to say is that in spite of the verdict of the jury, I maintain that I am innocent. There are higher powers that rule the destiny of things and it may be the will of the Providence that the cause which I represent may prosper more by my suffering than by my remaining free". ତିଳକ ଜଣେ ନିର୍ଭିକ ବ୍ୟକ୍ତି ଥିଲେ । ଜିନ୍ନା ତାଙ୍କର ଓକିଲ ହୋଇ ମକଦ୍ଦମା ଲଢିବାକୁ ଚାହିଁ ଥିଲେ ମାତ୍ର ତିଳକ ଏହାକୁ କୋର୍ଟରେ ପ୍ରତ୍ୟାଖାନ କରିଥିଲେ । କୋର୍ଟରେ ସେ ଯାହା କହିଥିଲେ ତାର ପ୍ରତ୍ୟେକଟି ଶବ୍ଦ ଦେଶବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଦେଶବାସୀ ଙ୍କ ଭାବାବେଗକୁ ସମର୍ଥନ କରି ସେ କହିଥିଲେ ଯେପର୍ଯ୍ୟ' ଦେଶ ସ୍ୱାଧୀନତା ଲାଭ ନକରିଛି ସେପର୍ଯ୍ୟ' ଏଭଳି ହିଂସାତ୍ମକ କାଣ୍ଡ ଘଟିବା ସ୍ୱାଭାବିକ । ଏହାର ବହୁବର୍ଷ ପରେ ଯେତେବେଳେ ବିଚାର ପରେ ଗାନ୍ଧିଜୀଙ୍କୁ ଜେଲ ଦଣ୍ଡ ମିଳିଳା ସେ ସମୟର ବିଚାରପତି କହିଥିଲେ ଯେ ତିଳକ ଯେଉଁ ଅପରାଧ ପାଇଁ ଯେଉଁ ଧାରାରେ ଦଣ୍ଡିତ ହୋଇଥିଲେ ଗାନ୍ଧିଜୀ ମଧ୍ୟ ସେହିଭାବରେ ଦଣ୍ଡିତ ହେବାକୁ ଯାଉଛଁି । ଏହାର ଉତରରେ ଗାନ୍ଧିଜୀ କହିଥିଲେ ତିଳକଙ୍କ ନାମ ସହିତ ତାଙ୍କ ନାମ ସଂପୃକ୍ତ ହେବା ଏକ ଗୌରବର ବିଷୟ । ତିଳକଙ୍କ ପ୍ରତି ଗାନ୍ଧିଜୀଙ୍କର ଗଭୀର ଭକ୍ତି ଥିଲା । ତିଳକ ଥିଲେ ଭାରତ ମାତାର ସୁଯୋଗ୍ୟ ସଂାନ, ଦେଶଭକ୍ତ, ବିପ୍ଳବୀ ଓ ଭଗବତ୍ ଗୀତାର ପ୍ରସିଦ୍ଧ ଭାଷ୍ୟକାର, ଭାରତୀୟ ସଂସ୍କୃତିର ବିରାଟ ପ୍ରବକ୍ତା । ତାଙ୍କର ପ୍ରସିଦ୍ଧ ବାଣୀ ଥିଲା 'ସ୍ୱାଧୀନତା ମୋର ଜନ୍ମଗତ ଅଧିକାର' ।

*ସମ୍ପାଦକ, ମାର୍ଗଦର୍ଶୀ,*
*ଖୋର୍ଦ୍ଧା (୮୮୯୫୫ ୪୭୪୯୦)*

# 'ଜୀବନରେ ସଫଳ ନାଗରିକ ହେବାପାଇଁ ସାମଗ୍ରୀକ ଜ୍ଞାନ ଆହରଣ କର'



ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା । ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା - ଅଚିହ୍ନା ମୁହଁ ମାନଙ୍କୁ । ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ । ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ । ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ । ବାସ୍ତବରେ ଯିବାଟା ହିଁ ସତ୍ୟ । ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ । ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତୀ ସମୟର ଜନମାନସ ପାଇଁ । ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଂଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ଶ୍ରେଷ୍ଠ ଗୁରୁ ସ୍ୱର୍ଗତଃ ଉଦୟନାଥ ସାହୁ । ମନୁଷ୍ୟ ଜୀବନରେ ସାର୍ଥକତା ହେବାର ଅନ୍ୟତମ ପ୍ରେରଣାଦାତା ହିଁ ଗୁରୁ । ନିଜ ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ଗୁରୁକୃପା ଭଗବାନଙ୍କ ଏକ ଅନନ୍ୟ ସୃଷ୍ଟି । ଜୀବନର ଆରମ୍ଭ ଜୀବନର ପଦପାତ ଠାରୁ ଅ ଆ ଶିଖିବା ଠାରୁ ଜୀବନର ଯେତେବଡ଼ ନିଷ୍ପତି ହେଉନା କାହିଁକି ଗୁରୁଙ୍କ ଆବଶ୍ୟକତା, ଗୁରୁ ଆଶୀର୍ବାଦ ଗୁରୁକୃପା ସାଂସାରିକ ବ୍ୟବସ୍ଥାର ଏକ ଅନନ୍ୟ ନୈପୁଣ୍ୟତା । ମୋ ଗୁରୁଦେବ ସ୍ୱର୍ଗତଃ ଉଦୟନାଥ ସାହୁ ୧୯୪୭ ଜାନୁଆରୀ ୬ ତାରିଖରେ ଜି.ଉଦୟଗିରିରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାମ ଥିଲା ଖଲି ସାହୁ । ଖଲି ସାହୁଙ୍କ ପାଂଜଣ ସନ୍ତାନ ସନ୍ତତିଙ୍କ ଭିତରେ ବେଶ ହସଖୁସିର ପରିବାରଟି ଥିଲା । ସାରଙ୍କ ଶିକ୍ଷାଗତ ଯୋଗ୍ୟତା ଥିଲା ବିଏସସି ଓ ବିଇଡି ତାଙ୍କ କର୍ମମୟ ଜୀବନ ଚିକିଟି, କଙ୍କାରୋଡ଼ା, ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡ଼ା ଓ ଟିକାବାଲିରେ ଅତିବାହିତ ହୋଇଥିଲା । କର୍ମମୟ ଜୀବନର ସହକାରୀ ଶିକ୍ଷକରୁ ପରବର୍ତୀ ସମୟରେ ବରିଷ୍ଠ ଶିକ୍ଷକ, ପ୍ରଧାନ ଶିକ୍ଷକ ଓ ଡିଆଇ ଅଫ ସ୍କୁଲସ୍ ଭାବେ ସେ କର୍ତବ୍ୟ ପରାୟଣ ଥିଲେ । ୧୯୯୩ରେ ଶିକ୍ଷାକ୍ଷେତ୍ରରେ ତାଙ୍କ ଅନବଦ୍ୟ ଶ୍ରେଷ୍ଠତ୍ୱ ନିମତ ରାଜ୍ୟ ସମ୍ମାନ ଓ ୨୦୦୧ରେ ଜାତୀୟ ଶିକ୍ଷକ ସମ୍ମାନ ପ୍ରାପ୍ତ ହୋଇଥିଲେ । ଖେଳକୁଦ ଓ ସୃଜନଶୀଳ ସାହିତ୍ୟ ଥିଲା ତାଙ୍କ ଜୀବନର ଅନ୍ୟତମ ସମୟର ଅଂଶ ବିଶେଷ । ସେ ଆମକୁ ଶିକ୍ଷା ଦେବା ସମୟରେ ସଫଳ ମଣିଷ ହେବା ପାଇଁ କେବଳ ମନ୍ତ୍ର ଦେଉନଥିଲେ ସେ ସମୟରେ ବିଦ୍ୟାଳୟ କ୍ରୀଡ଼ା ଠାରୁ ବିଜ୍ଞାନ ମେଳା, ନାଟକରେ ଅଭିନୟ ଠାରୁ ପ୍ରବନ୍ଧ ରଚନା ଓ ବକ୍ତୃତା ପ୍ରତିଯୋଗୀତାରେ ଅଂଶ ଗ୍ରହଣ ପାଇଁ ପ୍ରେରଣା ଉତ୍ସାହ ଉଦ୍ଦୀପନା ଓ ଆଶୀର୍ବାଦ ହିଁ ରଖୁଥିଲେ । ସେ ତାଙ୍କ ଉପଦେଶ ଭିତରେ ଆମକୁ ଅନେକ ବାର କହିଛନ୍ତି - 'ପାଠ୍ୟ ପୁସ୍ତକ ଜ୍ଞାନ ଜୀବନର ଲକ୍ଷ୍ୟରେ ପହଂଚାଇବ ନାହିଁ, ଜୀବନରେ ସଫଳ ନାଗରିକ ହେବାପାଇଁ ସାମଗ୍ରୀକ ଜ୍ଞାନ ଆହରଣ କର ।'

ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ । ଜୀବନକୁ ସେ କେବଳ ବଂ଼ି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି । ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍ । ପରିବର୍ତିନି ସଂସାରେ ମୃତୁଃ କୋବା ନ ଜାୟତେ ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ । ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ । ଗଲାବେଳେ କିଛି ନିଏ ନାହିଁ । କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ । ନିଜର ଇଚ୍ଛାର ବ୍ୟାପାର ବି ନୁହେଁ । କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ । ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା । ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର । ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର । ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଂ଼ିରହେ ସେହି କର୍ମରେ । ତେଣୁ କୁହାଯାଏ କର୍ମ ହିଁ ଭଗବାନ । ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି । ଏ କଥା ନୂଆ ନୁହେଁ । ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ । ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ । ସେହିପରି ଉଦାହରଣ ସ୍ତରରେ ପହଂଚିଥିବା ବ୍ୟକ୍ତି ସେଥିଲେ ।

ଉପନିଷଦରେ ଉଲ୍ଲେଖ ରହିଛି 'ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ । ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ । ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ । ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱସ୍ତିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର । ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ । ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ । ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ସ୍ୱର୍ଗତଃ ଉଦୟନାଥ ସାହୁଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ ।'

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

ଡ. ସମନ୍ୱୟ ନନ୍ଦ

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି - ଇଣ୍ଡିଆ ଦି ମୋଦୀ କ୍ୱୋଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେ◻ାରୀରେ କୌଣସି ତଥ୍ୟ - ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ ନିର୍ଦ୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ। ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦ୍ରୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ -ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ।

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି - "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି ।"

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ପତିବ୍ରତାର ସଂକଳ୍ପ



ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସ ।ଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତିମନ୍ତ ପ୍ରତୀକ । ପରିବର୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଂଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ◌ିରି ପାଇବାରେ ମଧ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ◌ ।ରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଂଚିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ କିଂକର୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ◌ିରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

*ଯଜାତି ଭବନ, ସେକ୍ଟର-୧୦,*
*ସିଡିଏ, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Wednesday July 23 ଭୁବନେଶ୍ୱର ବୁଧବାର, ୨୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ୪ର୍ଥ ଟେଷ୍ଟରୁ ଆକାଶ ଦୀପ ଆଉଟ୍, ଡେବ୍ୟୁ କରିପାରନ୍ତି କମ୍ବୋଜି



ଭୁବନେଶ୍ୱର,(ପି.ଏନ): ଇଂଲଣ୍ଡ ବିପକ୍ଷ ୪ର୍ଥ ଟେଷ୍ଟ ପୂର୍ବରୁ ଭାରତକୁ ଆଉ ଏକ ଝଟକା ଲାଗିଛି। ଆସନ୍ତାକାଲି ଠାରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବାକୁ ଯାଉଥିବା ୪ର୍ଥ ଟେଷ୍ଟରୁ ଭାରତର ଦ୍ରୁତ ବୋଲର ଆକାଶ ଦୀପ ବାଦ ପଡିଛନ୍ତି। ଏକଥା ଆଜି ଭାରତୀୟ ଟିମର ଅଧିନାୟକ ଶୁବମନ ଗିଲ ନିଶ୍ଚିତ କରିଛନ୍ତି। ଏହାପୂର୍ବରୁ ଆହତ ସମସ୍ୟା ପାଇଁ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଇଂଲଣ୍ଡ ସିରିଜରୁ ବାଦ ପଡିଥିଲେ। ସେହିପରି ଡେବ୍ୟୁ ଅପେକ୍ଷାରେ ଥିବା ଅର୍ଶଦୀପ ସିଂହ ମଧ୍ୟ ଆହତ ହୋଇ ୪ର୍ଥ ଟେଷ୍ଟରୁ ବଞ୍ଚିତ ହୋଇଥିଲେ। ୩ ପ୍ରମୁଖ ଖେଳାଳି ବାଦ ପଡିଥିବାରୁ ଯୁବ ଦ୍ରୁତ ବୋଲର ଅଂଶୁଲ କମ୍ବୋଜିଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଥିଲା। ଏବେ ସେ ଆସନ୍ତାକାଲି ଭାରତ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିପାରନ୍ତି। କମ୍ବୋଜି ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ ପାଇଁ ଦମଦାର ବୋଲିଂ କରିଥିଲେ। କିନ୍ତୁ ତାଙ୍କ ଇଂଲଣ୍ଡରେ ରଖିବା ବଦଳେ ଭାରତ ପଠାଇ ଦିଆଯାଇଥିଲା। ଏବେ ସେ ପୁଣି ଇଂଲଣ୍ଡକୁ ଡାକରା ପାଇ ଯାଇଛନ୍ତି। ୪ର୍ଥ ଟେଷ୍ଟରେ କମ୍ବୋଜି କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣେ ଚୂଡାନ୍ତ ଏକାଦଶରେ ସୁଯୋଗ ପାଇବେ।

# ୨୬ ଆଇପିଏସ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ବନ୍ଦର ପରିଦର୍ଶନ



ପାରାଦୀପ ,(ପି.ଏନ): ଭାରତୀୟ ପୋଲିସ ସେବା (ଆଇପିଏସ) ପ୍ରଶିକ୍ଷାର୍ଥୀ ଙ୍କ ଏକ ୨୬ ଜଣିଆ ଦଳ ସୋମବାର ଦିନ ପାରାଦୀପ ବନ୍ଦର କୁ ଦୁଇଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି । ଏହି ଗସ୍ତ ସମୟରେ ସେମାନେ ଓଡିଶା ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଏବଂ ପାରାଦୀପ ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ ହେବେ। ଏହି ଅବସରରେ ପ୍ରଥମ ସୋମବାର ଦିନ ଏହି ଆଇପିଏସ ପ୍ରଶିକ୍ଷାର୍ଥୀ ମାନେ ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ ରେ ପହଞ୍ଚି ସାମୁଦ୍ରିକ ସୁରକ୍ଷା ଏବଂ ତଟ ରକ୍ଷୀ ବାହିନୀର କାର୍ଯ୍ୟ ବିଷୟରେ ଅବଗତ ହୋଇଥିଲେ । ଏହାପରେ ସେମାନେ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନ ରେ ପହଞ୍ଚିବା ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସେମାନଙ୍କୁ ସ୍ୱାଗତ କରି ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ ।

# ଆଇଡିବିଆଇ ବ୍ୟାଙ୍କ ପିଏଟିରେ ବାର୍ଷିକ ଆଧାରରେ ୧୭% ବୃଦ୍ଧି

ଭୁବନେଶ୍ୱର (ପି.ଏନ): ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କର ଶୁଦ୍ଧ ଲାଭ ବାର୍ଷିକ ଆଧାରରେ ୧୭% ବୃଦ୍ଧିହୋଇ ୨୦୦୭ କୋଟି ଟଙ୍କା ରହିଛି। ପ୍ରଥମ ତ୍ରୈମାସିକରେ ପରିଚାଳନାଗତ ଲାଭ ୨୩୫୪ କୋଟି ଟଙ୍କା ରହିଛି। ସେହିପରି ଏନଆଇଏମ ୩.୬୮% ରହିଛି ଏବଂ ଶୁଦ୍ଧ ସୁଧ ଆୟ ୩୧୬୬ କୋଟି ଟଙ୍କା ରହିଛି। କଷ୍ଟ ଅଫ୍ ଡିପୋଜିଟ ଏହି ପ୍ରଥମ ତ୍ରୈମାସିକରେ ୪.୮୪% ରହିଛି ଯାହା ୨୦୨୪-୨୫ର ୧ମ ତ୍ରୈମାସିକରେ ୪.୫୮% ଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ସିଆରଏଆର ୨୫.୩୯% ରହିଛି ଯାହା ବାର୍ଷିକ ଆଧାରରେ ୨୯୭ ବିପିଏସ ବୃଦ୍ଧି ପାଇଛି। ରିଟର୍ଣ୍ଣ ଅନ ଆସେଟ୍‌ସ (ଆରଓଏ) ୧୮ ବିପିଏସ ବୃଦ୍ଧିହୋଇ ୨.୦୧% ରହିଛି ଯାହା ଗତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ୧.୮୩% ରହିଥିଲା। ରିଟର୍ଣ୍ଣ ଅନ ଇକ୍ୱିଟି (ଆରଓଇ) ୧୭.୯୧% ରହିଛି। ନେଟ୍ ଏନପିଏ ୦.୨୧%କୁ ହ୍ରାସ ପାଇଛି ଯାହା ଜୁନ ୩୦, ୨୦୨୪ ସୁଦ୍ଧା ୦.୨୩% ଥିଲା। ଗ୍ରସ ଏନପିଏ ୨.୯୩% ରହିଛି ଯାହା ଜୁନ ୩୦, ୨୦୨୪ ସୁଦ୍ଧା ୩.୮୭% ଥିଲା। ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକରେ ପିସିଆର ୯୯.୩୧% ରହିଛି ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୯୯.୩୪% ଥିଲା।

# ହିନ୍ଦୁ ଏକତା ମଂଚ ପକ୍ଷରୁ ଏକ ସଭା ଅନୁଷ୍ଠିତ

କଟକ,(ପି.ଏନ): ତା ୨୦.୦୭.୨୫ ରିଖ ପୂର୍ବାହ୍ନ ୧୧ ଘଟିକା ରେ ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ତରଫରୁ ପୋତାପୋଖରୀ ସ୍ଥିତ ଶିଶୁ ମନ୍ଦିରରେ ଏକ ସଭା ସଭାପତି ଶ୍ରୀ ସୁଶାନ୍ତ ପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା।ଉକ୍ତ ସଭାରେ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ସମେତ କଟକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଶ୍ରୀ ତେଜପାଳ ଧେନୁକ କୋଷାଧ୍ୟକ ଶ୍ରୀ ସନ୍ତୋଷ ସାହୁ ମୁଖ୍ୟ ଉପଦେଷ୍ଟା ଡକ୍ଟର ପଦ୍ମଲୋଚନ ନାୟକ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଡାକ୍ତର ପ୍ରଭାତ ସାହୁ ଶ୍ରୀ ମନୋଜ ପଣ୍ଡା , କଟକ ଜିଲ୍ଲା ର ସଂଯୋଜିକା ରୋଜାଲିନି ବସ୍ତିଆ ଓ କଟକ ଜିଲ୍ଲା ର ବରିଷ୍ଠ ସଦସ୍ୟ କାମଦେବ ପାତ୍ର ପ୍ରଣାକୃଷ୍ଣ ଜେନା ରାଜେନ୍ଦ୍ର ମହାପାତ୍ର ହୃଷିକେଶ ନନ୍ଦ ଟୁଟୁ ନନ୍ଦ ଧୀରେନ୍ଦ୍ର ନାୟକ ବାବୁ ଖଟୁଆ ମୃତ୍ୟୁଞ୍ଜୟ ପାତ୍ର ଗଗନ ନନ୍ଦ ସନ୍ତୋଷ ତ୍ରିପାଠୀ ଜୟନ୍ତୀବାଳା ମହାନ୍ତି, ପ୍ରଭାତ ମହାପାତ୍ର, ବ୍ରଜକିଶୋର ନାୟକ କୈଳାଶ ବସ୍ତିଆ,ଅଗଣି ନାୟକ ବ୍ରଜ କିଶୋର ଜେନା ସାଗରୀକା ସାହୁ ପ୍ରଭୃତି ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ସଭାରେ ଚାରିଗୋଟି ପ୍ରସ୍ତାବ ପାରିତ ହୋଇଥିଲା ।

୧ ଆସନ୍ତା ଏକ ମାସ ଭିତରେ କଟକ ଜିଲ୍ଲା ସଂଗଠନ ପାଇଁ ଏକ କାର୍ଯ୍ୟାଳୟ ଖୋଲାଯିବ ଓ ତାର ଦାଇତ୍ୱ ସଭାପତି ଙ୍କ ଉପରେ ନ୍ୟସ୍ତ କରାଗଲା

୨ ଆସନ୍ତା ବାଲିଯାତ୍ରା ସମୟରେ ହିନ୍ଦୁ ଏକତା ମଞ୍ଚ ଭାରତ ସଂଗଠନ ତରଫରୁ ଏକ ଷ୍ଟଲ ଖୋଲିବାର ଦାଇତ୍ୱ ମଧ୍ୟ ସଭାପତି ଙ୍କୁ ଦିଆଗଲା

୩ ପୂର୍ବରୁ ଆରମ୍ଭ ହୋଇ ବନ୍ଦ ହୋଇଯାଇଥିବା ମଠ ମନ୍ଦିର ସଫେଇ କାର୍ଯ୍ୟ କ୍ରମ କୁ ଆଗେଇ ନେବା ପାଇଁ ଶ୍ରୀ ମୃତ୍ୟୁଞ୍ଜୟ ପାତ୍ର ଙ୍କ ପ୍ରସ୍ତାବ ଉପରେ ବରିଷ୍ଠ ସଦସ୍ୟକାମଦେବ ପାତ୍ର ଙ୍କୁ ଦାଇତ୍ୱ ଦିଆଗଲା। ସେ ଆସନ୍ତା ରବିବାର ଦିନ ସକାଳୁ ବାଲିସାହି ଆଖଣ୍ଡଳମଣି ମନ୍ଦିର ରେ ସଫେଇ କରିବାର ପ୍ରସ୍ତାବ ଦେବାରେ ତାହା ଗୃହୀତ ହୋଇଥିଲା

୪ ପ୍ରତ୍ୟେକ ମାସରେ ଆମ ସଂଗଠନ ର ସଦସ୍ୟ ମାନଙ୍କ ନିକଟରୁ ୫୦ ଟଙ୍କା ଆଦାୟ କରାଯିବାକୁ ସ୍ଥିର କରାଗଲା ଓ ଏହି ଦାଇତ୍ୱ ସଂଯୋଜିକା ରୋଜାଲିନ ବସ୍ତିଆ ଓ କୋଷାଧକ ସନ୍ତୋଷ ସାହୁ ଙ୍କ ଉପରେ ନ୍ୟସ୍ତ କରାଗଲା

ସଭା ଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଗଲା

# ପାରମ୍ପରିକ ଖାଦ୍ୟ ଦିବସ ପାଳିତ ଆମ ରୁଚି, ଆମ ଖାଦ୍ୟ



ବୋରିଗୁମ୍ମା,(ପି.ଏନ): ବୋରିଗୁମ୍ମା ବ୍ଲକ ପରିସରରେ ଓଡିଶା ପକ୍ଷ ପାଳନ ଅବସରରେ ଆଜି ପାରମ୍ପରିକ ଖାଦ୍ୟ ଦିବସ ତଥା ଆମ ରୁଚି, ଆମ ଖାଦ୍ୟ ଦିବସ ପାଳିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ।ବ୍ଲକ ପରିସରରେ ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ ରୁ ପ୍ରସ୍ତୁତ ପୋଡପିଠା, ଆରିସା, ସୁପ ସହ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା।ପାରମ୍ପରିକ ଖାଦ୍ୟ କୁ ବିଡ଼ିଓ ଶ୍ରୀ ପଟ୍ଟନାୟକ ଙ୍କ ସମେତ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଓ ଅନ୍ୟ ବ୍ଲକ କର୍ମଚାରୀ ମାନେ ଖାଇଥିଲେ।ଆଜି ଓଡ଼ିଆ ପକ୍ଷ ଦିବସ ର ୧୩ ତମ ଦିବସ।ଏହି ଦିନ କୁ ରାଜ୍ୟ ସରକାର ପାରମ୍ପରିକ ଖାଦ୍ୟ ଦିବସ ଭାବେ ସାରା ଓଡ଼ିଶାରେ ପାଳନ କରୁଛନ୍ତି।ଆମ ସଂସ୍କୃତି ,ପରମ୍ପରା ଓ ଓଡ଼ିଆ ଅସ୍ମିତା ,ଆମ ଭିତରେ ଏକତା ସୃଷ୍ଟି କରିବା ସହ ଆମେ ଓଡ଼ିଆ ବୋଲି ଗର୍ବ କରିବା ଓଡ଼ିଆ ପକ୍ଷ ପାଳନ ର ମୁଖ୍ୟ ଉଦେଶ୍ୟ ବୋଲି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ କହିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଏବିଡ଼ିଓ ମାଧୁରୀ ଆଚାରୀ,ଏଇଇ ପ୍ରକାଶ ପ୍ରଧାନ,ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା,ବିପିସି ସ୍ୱାତି ପଟନାୟକ, ଜିପିଇଓ ସ୍ୱାଗତିକା ଗୋପାଳ, ଏପିଓ ରମାକାନ୍ତ ବେହେରା,ପିଇଓ ସୁମନ୍ତ ବିଶ୍ୱାଳ, ମହେନ୍ଦ୍ର ପଣ୍ଡା,ଆଇସିଡିଏସ ସୁପ୍ରଭାଇଜର ରୋଜାଲିନ କଟିଆ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ।

# ଶିକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଅଚାନକ କେରେଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଁଞ୍ଚିଲେ ରାୟଗଡା ବିଧାୟକ



ରାୟଗଡ଼ା, (ପି.ଏନ): ରାୟଗଡ଼ା ବିଧାୟକ ଆଜି ରାଜ୍ୟର ସୀମାନ୍ତ ଗାଁ କେରେଡା ସରକାରୀ ଉଚ୍ଚ ଏସ ଏସ ଡି ବିଦ୍ୟାଳୟକୁ ଯାଇ ଗଣିତ ପାଠ ପଢିଛନ୍ତି। ଶ୍ରେଣୀ ଗୃହରେ ୨୫ ମିନିଟ ଧରି ଛାତ୍ରଛାତ୍ରୀ ଗହଣରେ ବସି ଗଣିତ ପାଠର ସରଳରେଖା ଉପରେ ପିଲାମାନଙ୍କ ସହ ପାଠ ପଢିଛନ୍ତି। ହଟାତ ସ୍କୁଲ ମାନଙ୍କର ଶିକ୍ଷା ବ୍ୟବସ୍ଥା କିଭଳି ରହିଛି ତାହା ପରଖିବା ପାଇଁ ବିଧାୟକ କାଡ୍ରାକାଆପଲାସ୍ୱାମି ପହଞ୍ଚି ଥିଲେ ଆନ୍ଧ୍ର ପ୍ରଦେଶର ସୀମାନ୍ତ ଗାଁ କେରେଡା ସ୍କୁଲରେ। ରାୟଗଡା ସହର ଠାରୁ ୨୬ କିଲୋମିଟର ଦୂରରେ ଥିବା ବେଳେ ରାସ୍ତା ପାର୍ଶ୍ୱରେ ରହିଥିବା ବିଦ୍ୟାଳୟ ସ୍ଥିତି ପରଖିଥିଲେ। ସିଧାସଳଖ ଯାଇ ୧୦ମ ଶ୍ରେଣୀ ଗୃହରେ ପହଞ୍ଚି ଥିଲେ। ଆଉ ଦଶମ ଶ୍ରେଣୀର ପିଲାମାନଙ୍କୁ କିଭଳି ଶିକ୍ଷା ଦାନ ଚାଲିଛି ସେ ବିଷୟରେ ନିଜେ ଛାତ୍ରୀଛାତ୍ରଙ୍କ ସହ ପଛଧାଡିର ବେଞ୍ଚ ଉପରେ ବସି ୨୫ ମିନିଟ ଧରି ଶୁଣି ଥିଲେ। ଶ୍ରେଣୀରେ ରାଧାକାନ୍ତ ପାଣିଗ୍ରାହୀ ଶିକ୍ଷା ଦାନ କରୁଥିଲେ। ଶିକ୍ଷକ ଆଗକୁ ଆସି ବସିବା ପାଇଁ କହିଥିଲେ ମଧ ସେ ପଛ ଧାଡିରେ ବସି ଶିକ୍ଷା ଦାନକୁ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ର ପିଲାମାନେ କିଭଳି ଗ୍ରହଣ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ। ସରଳରେଖା ଉପରେ ଶିକ୍ଷକ ଅତି ଉତ୍ତମ ଢଙ୍ଗରେ ପଢାଉଥିବା ନିଜେ ବିଧାୟକ ଅନୁଭବ କରିଥିବା କହିଛନ୍ତି। ବିଡମ୍ବନା ବିଷୟ ଯେଉଁ ଶିକ୍ଷକ ଗଣିତ ପଢାଉଥିଲେ ଓଡ଼ିଆ ମାତୃଭାଷା ଶିକ୍ଷକ । ଯେହେତୁ ବିଜ୍ଞାନ ଶିକ୍ଷକ ନଥିବାରୁ ବାଧ ହୋଇ ଗଣିତ ପାଠ ପଢାଉଥିଲେ। ପରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ବସି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ସ୍କୁଲରେ ଶିକ୍ଷକ ମାନେ ବିନା ଲେସନପ୍ଲାନ କରୁନଥିବା ସେ ଅନୁଧ୍ୟାନ କରିଛନ୍ତି। ଅର୍ଥାତ ପୂର୍ବ ପ୍ରସ୍ତୁତି ପ୍ରଣାଳୀ ପ୍ରତ୍ୟେକ ମାସରେ କେଉଁ କେଉଁ ବିଷୟରେ ପାଠପଢା ଯିବ ଏହା ନିର୍ଦ୍ଧାରିତ ହୋଇଥାଏ। ଏହି ଲେସନପ୍ଲାନରେ ସୁଧାର ଆଣିବା ପାଇଁ ପ୍ରଧାନ ଶିକ୍ଷକ ବିବିଷଣଚିଟ୍ଟୁଆନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ସ୍କୁଲ ପ୍ରବେଶ ଦ୍ୱାରରେ ପ୍ରବେଶ ପୁସ୍ତିକା ରହିବା କଥା ଯାହା ଛାତ୍ରୀଛାତ୍ରଙ୍କ ପରିବାର ଲୋକ ହୁଅନ୍ତୁ ବା ବାହାର ଲୋକ ଆସିଲେ ପ୍ରବେଶ ପୁସ୍ତିକା ରେ ଦସ୍ତଖତ କରି ଭିତରକୁ ଯିବା ବିଧାନ ରହିଛି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀ ୧୮୦ ଛାତ୍ର ୧୮୫ ରହିଥିବା ବେଳେ ସେହି ଅନୁପାତରେ ପୁଣି ୫ଜଣ ଶିକ୍ଷକ ଅଭାବ ରହିଛି। ଯାହା ବିଜ୍ଞାନ, ଉଚ୍ଚ ଶ୍ରେଣୀ ପଢାଉଥିବା ସିଟି ଶିକ୍ଷକ, ମେଟ୍ରିକ୍ ସିଟି ଦୁଇ ଜଣ ଶିକ୍ଷକ ଏବଂ ଖେଳ ଶିକ୍ଷକ ଅଭାବ ରହିଛି ବୋଲି ଅନୁଭବ କରିଛନ୍ତି। ପିଲାଙ୍କ ସହ ଆଲୋଚନା ବେଳେ ଶିକ୍ଷକ ଅଭାବ କଥା ମଧ ଛାତ୍ରଛାତ୍ରୀ କହିଛନ୍ତି। ଏଠାରେ ବିଜ୍ଞାନ ଶିକ୍ଷକ ନଥିବା ହେତୁ ପିଲାମାନେ କେତେ ପାରଦର୍ଶିତା ହେବେ ଏଥିପ୍ରତି ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ୩୬୫ ଛାତ୍ରଛାତ୍ରୀ ଥିବା ବେଳେ ବର୍ତ୍ତମାନ ଶୌଚାଳୟ ମରାମତି କାର୍ଯ୍ୟ ଚାଲୁଛି। ଏନେଇ ପିଲାମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଯାହାକି ସ୍କୁଲର ଛୁଟି ପୂର୍ବରୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା କାହିଁକି ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ । ଏହା ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସହିତ ଏକ ମାସ ହେଲା ବ୍ଲକ ମଙ୍ଗଳ ଅଧିକାରୀ ପରିଦର୍ଶନ କରିନଥିବା ପରିଦର୍ଶନ ପୁସ୍ତିକା ପ୍ରମାଣିତ କରୁଛି। ଏହି ସମସ୍ତ ସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଏବଂ ମଙ୍ଗଳ ବିଭାଗ ସହିତ ଆଲୋଚନା କରି ସୁଧାର ଆଣିବାର ବ୍ୟବସ୍ଥା ପାଇଁ ପରାମର୍ଶ ଦେବେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray